



## ତରୁଣକାନ୍ତି ମିଶ୍ର

# ତାରୁଣ୍ୟର ତୂର୍ଯ୍ୟନାଦ

**ଓଡ଼ିଆ କଥା ସାହିତ୍ୟ ଜଗତରେ ତରୁଣକାନ୍ତି ମିଶ୍ର ଏକ ଅନ୍ତରଙ୍ଗ ଉଚ୍ଚାରଣ । ନିଜ ସହ ନିଜକୁ ସାମ୍ନାସାମ୍ନି କରୁଥିବା ଭିତରେ ଆଲୋକର ସନ୍ଧାନ ଓ ମାନବିକତାର ଜୟଗାନ ତାଙ୍କ କଥା ସାହିତ୍ୟର ବିଶିଷ୍ଟ ବିଭବ । କାବ୍ୟିକ ପରିଚର୍ଯ୍ୟା ସହିତ କଥାରାଜିରେ ସେ ଯେଉଁ ନିରବତା, ନିଃସଙ୍ଗତା ଓ ଅତୀତମୁଖୀନତାର ଭାଷା ପ୍ରୟୋଗ କରନ୍ତି ସମକାଳର କ୍ୱଚିତ୍ କଥାଶିଳ୍ପୀ ପାଖରେ ଏତେ ଜୀବନ୍ତ ଭାବେ ପରିସ୍ଫୁଟିତ ହୁଏ । ଚଳିତବର୍ଷ ଏହି ପ୍ରଥିତଯଶା କଥାଶିଳ୍ପୀ ସମ୍ମାନଜନକ 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ୨୦୨୪ ଲାଭ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।**



ଓଡ଼ିଆ କଥା ସାହିତ୍ୟ ଜଗତରେ ତରୁଣକାନ୍ତି ଜଣେ ନିରବ ସାଧକ । ଏକ ନିଃସଙ୍ଗ ପଦାତିକର ଯାତ୍ରା କରି ନିଜର ବାଟ ତିଆରି କରିଛନ୍ତି । ଏକ ସୀମାବଦ୍ଧ ଅନୁଭୂତିକୁ ପାଥେୟ କରି ବିସ୍ତୃତିର ଚିତ୍ରଣ କରନ୍ତି । ତାଙ୍କ ଗଳ୍ପରେ ସୀମାବଦ୍ଧତା ବ୍ୟାପକତା ଲାଭ କରିଥାଏ । ତେବେ ଯେଉଁ ଗଭୀରତା ଓ ଅନ୍ତରଙ୍ଗ ମନନଶୀଳତାର ସହିତ ସେ ଗଳ୍ପର ଆବହ ଗଢ଼ନ୍ତି, ତାହା ତାଙ୍କର ସ୍ୱକୀୟତା । ନିଃସଙ୍ଗତାକୁ ନିଜର ଅବଶ୍ୟମ୍ଭାବୀ ପରିଣତି ବୋଲି ବିବେଚନା କରନ୍ତି । ଅନ୍ୟପକ୍ଷରେ ତରୁଣକାନ୍ତିଙ୍କ ଗଳ୍ପ ପାଠକଙ୍କୁ ଏକ ଉତ୍କଣ୍ଠା ମଧ୍ୟକୁ ନେଇଯାଏ । ମିଳନ ଅପେକ୍ଷା ବିୟୋଗାତ୍ମକତା ତାଙ୍କ ଗଳ୍ପରେ ଅଧିକ ଅର୍ଥ ବହନ କରେ । କାହାଣୀବିହୀନ ଗଳ୍ପ ରଚନା ପ୍ରତି ମଧ୍ୟ ସେ ବେଶ୍ ବ୍ରତୀ ।

ତରୁଣକାନ୍ତିଙ୍କ ଗପଗୁଡ଼ିକରେ ରହିଛି ମଣିଷର ନିଃସଙ୍ଗବୋଧ, ମାନବୀୟ ସମ୍ବେଦନା, କୁହୁକ ବାସ୍ତବତା । ପୁଣି କେବେ କେବେ ସୀମାନ୍ତରିତ ଜୀବନର ନିର୍ମମ ପ୍ରତିବିମ୍ବ । କୋମଳ ଗାନ୍ଧାର, ଅନ୍ଧ ରାତିର ଲୁହ, ରେବତୀ, ସୁଦାମାର ଠିକଣା, ଅଜଣା ତିଥିର ଜହ୍ନ ଆଦି ତାଙ୍କର ବହୁପଠିତ ଗପ । 'ସୁଦାମାର ଠିକଣା', 'କୋମଳ ଗାନ୍ଧାର' ଗଳ୍ପରେ ତରୁଣକାନ୍ତି ନିଜେ ନିଜକୁ ଧିକ୍କାର କରିଛନ୍ତି । 'ଭଙ୍ଗା ଆଇନାର ମୁହଁ' ଓ 'ଅତିଥି ସକାଳ'ରେ ଚାକିରିକୁ ନିନ୍ଦିଛନ୍ତି ,'ରେବତୀ', 'ବିବର', 'ଶରଦଃ ଶତମ' ଗଳ୍ପରେ ସରକାରୀ କଳର ନିର୍ମମ ବ୍ୟବସ୍ଥାକୁ ଚିହ୍ନିତ କରିଛନ୍ତି, 'ଅରଣ୍ୟେ ଆଦିମ', 'ବିବସ୍ତ୍ର' ଗଳ୍ପରେ ଭଗବାନଙ୍କ ଅସ୍ତିତ୍ୱକୁ ନେଇ ବିଭ୍ରାନ୍ତ ହୋଇଛନ୍ତି । ଏ ସବୁ ସତ୍ତ୍ୱେ ତାଙ୍କର ଅନେକ ଲେଖାରେ ଅଛି ମଣିଷଟିଏ, ହତଭାଗ୍ୟ ଅଥବା ଏକାକୀ ଗୋଟିଏ ମଣିଷ । 'ସମର ଓ ଶାନ୍ତି' ଉପନ୍ୟାସଠାରୁ ଆରମ୍ଭ କରି 'ମହାଭାରତ' ପର୍ଯ୍ୟନ୍ତ– ମଣିଷ ହିଁ ସବୁଠୁ ଉପରେ, ସେ ଯାଜ୍ଞସେନୀ ହୁଅନ୍ତୁ ଅବା ବିମୂଢ଼ ଅର୍ଜୁନ, କୁରୁକ୍ଷେତ୍ରର ବିଷାଦ-ଯୋଗରେ ।

୧୯୫୦ ମସିହା ଅଗଷ୍ଟ ୨ ତାରିଖରେ କେନ୍ଦୁଝରଗଡ଼ରେ ତରୁଣକାନ୍ତିଙ୍କ ଜନ୍ମ । ଶୈଶବ ଓ କୈଶୋର ସମୟ ବିତାଇଥିଲେ କେନ୍ଦୁଝର ଓ ମୟୂରଭଞ୍ଜଠାରେ । ମାତା ତିଳୋତ୍ତମା ଓ ପିତା ଯୁଧିଷ୍ଠିର ମିଶ୍ରଙ୍କ ଲାଳନ ପାଳନ, ସଂସ୍କାର ତାଙ୍କୁ ପ୍ରଶାସନିକ ଓ ସାହିତ୍ୟ ସାଧନା କ୍ଷେତ୍ରରେ ଶୀର୍ଷକୁ ନେଇପାରିଛି । ପିଲାଦିନେ ତାଙ୍କ ମାଆ ଥିଲେ ପ୍ରେରଣାର ଉତ୍ସ । ସ୍କୁଲରେ ପଢ଼ିବା ସମୟରେ ସେ ନାଟକ ଓ କବିତା ଲେଖିଛନ୍ତି; କିନ୍ତୁ କାହାଣୀ ହିଁ ସବୁଠୁ ଆପଣାର ହୋଇରହିଲା ଏବଂ ତାକୁ ନିଜର ଅଭିବ୍ୟକ୍ତିର ମାଧ୍ୟମ ଭାବେ ବରଣ କରି ଅବଲମ୍ବନ ଓ ସଦ୍‌ଗତି ଭାବେ ନେଇ ସାରସ୍ୱତ ଯାତ୍ରା ଅବ୍ୟାହତ ରଖିଲେ । ତାଙ୍କର ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା କଲିକତାରୁ ପ୍ରକାଶ ପାଉଥିବା 'ଆସନ୍ତାକାଲି' ପତ୍ରିକାରେ । ସେହି ଗପଟିକୁ ସ୍କୁଲପତ୍ରିକାରେ ପ୍ରକାଶ ପାଇଁ ଅଯୋଗ୍ୟ କହି ସମ୍ପାଦନା ଦାୟିତ୍ୱରେ ଥିବା ଶିକ୍ଷକ ଫେରାଇ ଦେଇଥିଲେ । ସେତେବେଳେ ସେ ଥିଲେ ଦଶମ ଶ୍ରେଣୀର ଛାତ୍ର । ୧୯୬୮ରେ ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ 'ଆବର୍ତ୍ତର ଦୁଇଟି ସ୍ୱର' ବାହାରିଥିଲା ବିଜେବି କଲେଜରେ ଅନର୍ସ ଛାତ୍ର ଥିବାବେଳେ ।

ତରୁଣକାନ୍ତିଙ୍କ ମତରେ ସାହିତ୍ୟ ଏକ ସୌଖୀନ ସାମଗ୍ରୀ ନୁହେଁ, ଏହାର ଏକ ସାମାଜିକ ଦିଗ ରହିଛି; ଏହା ଏକ ଭାବଗତ ସାମ୍ରାଜ୍ୟ । ମଣିଷ ହୃଦୟର ଯାହା ଚିରନ୍ତନ ଛବି, ମନୁଷ୍ୟ ଜୀବନର ଯାହା ଶାଶ୍ୱତ ଅନୁଭବ ଓ ଜିଜ୍ଞାସା, ତାହା ହିଁ ସାହିତ୍ୟର ଉପଜୀବ୍ୟ । ତା'ରି ଭିତରେ ରହିଯିବ ଅନେକ ଦୃଶ୍ୟପଟ । ଆହୁରି ଅନେକ ଅଦୃଶ୍ୟ ଛବି ବି । ସାହିତ୍ୟ ଯେହେତୁ ମଣିଷର କଥା, ସମାଜର ପୃଷ୍ଠଭୂମିରେ କଥା ଓ କବିତାରେ କେବଳ ବ୍ୟକ୍ତି ନୁହେଁ, ସମଷ୍ଟିର ବୃତ୍ତାନ୍ତ ବି ଲିପିବଦ୍ଧ ହୋଇଯିବ । ଉଚ୍ଚାଙ୍ଗ ସାହିତ୍ୟରେ ସମାଜର ସମସ୍ୟା ରହିବ ନିଶ୍ଚୟ; କିନ୍ତୁ ସବୁରି ଉର୍ଦ୍ଧ୍ୱରେ ରହିବ ମଣିଷ, ତା'ରି ଏକାକୀ ରୂପ, ତା'ର ସୁଖଦୁଃଖ, ତା'ର ଅଭିଳାଷ ଓ ବିପନ୍ନବୋଧ, ତା'ର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ।

ସେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରି ମୁଖ୍ୟ ଶାସନ ସଚିବ ଭାବେ ଅବସର ଗ୍ରହଣ କରିଛନ୍ତି । ତାଙ୍କ ପାଇଁ ଚାକିରି ସୃଜନଶୀଳତାର ପରିପନ୍ଥୀ ହୋଇନାହିଁ । ତାଙ୍କ ବିଚାରରେ କିଛି ବୃତ୍ତି ରହିଛି, ଯେଉଁଥିରେ ଅବସର ସମୟ ବେଶି ନ ଥାଏ । ପ୍ରଶାସନିକ ସେବା ସେହିଭଳି ଏକ ବୃତ୍ତି । ମୁଁ ଜାଣେ ନାହିଁ, ଅନ୍ୟ କେଉଁ ବୃତ୍ତିରେ ଥିଲେ ମୁଁ ଅଧିକା ଲେଖି ପାରିଥାଆନ୍ତି କି ନାହିଁ, ଅଧିକ ଭଲ ଲେଖି ପାରିଥାଆନ୍ତି କି ନାହିଁ; କିନ୍ତୁ ମୋର ବୃତ୍ତି ମୋତେ ସମର୍ଥ କରିଛି ଜୀବନର କେତେକ ବିରଳ ଦୃଶ୍ୟ ଦେଖିବା ପାଇଁ । ମୋର ଅନେକ ଲେଖାରେ ମୋ ବୃତ୍ତିର ଅଭିଜ୍ଞତା ରହିଛି । 'ଶରଦଃ ଶତମ୍ ଉପନ୍ୟାସଟି ମୋ' ନିଜ ଅଭିଜ୍ଞତାରୁ ସମ୍ଭୂତ, ଦଣ୍ଡକାରଣ୍ୟରେ ମୋର ଯାହା ଥିଲା ଅଭିଜ୍ଞତା । 'ଅନ୍ଧ ରାତିର ଲୁହ', 'ଦିନେ ରାତିରେ', 'ରେବତୀ' ଏ ସବୁ ମୋ ଅଭିଜ୍ଞତା ଭିତରୁ ସୃଷ୍ଟି ।

ନିଜ ଲେଖା ସମ୍ପର୍କରେ ତାଙ୍କର ଅଭିବ୍ୟକ୍ତି ହେଉଛି ଦର୍ପଣରେ ମୁଁ ମୋର ଯେଉଁ ମୁହଁଟି ଦେଖେ, ତାହା ଏକ ଓଲଟା ଚିତ୍ର । ଏକାଧାରରେ ସ୍ୱର୍ଣାତୀତ ଓ ଅବାସ୍ତବ । ମୁଁ ମୋର ସ୍ୱାଭାବିକ ଢଙ୍ଗରେ ଲେଖେ, ମୋତେ ଯାହା ଭଲ ଲାଗେ, ଯେମିତି ଭଲ ଲାଗେ । ମୁଁ ଚେଷ୍ଟା କରିଛି ଜୀବନକୁ ଚିହ୍ନିବାକୁ ଓ ସେହି ସୁଯୋଗରେ ଚିହ୍ନେଇ ଦେବାକୁ । ସୀମାବଦ୍ଧ ମୋର ଜୀବନ, ସୀମିତ ମୋର ଉପଲବ୍ଧି । ଏତେ ବିୟୋଗାନ୍ତ ପୃଷ୍ଠଭୂମିରେ, ଏତେ ଦୁଃଖ ଭିତରେ, ମଣିଷ ବଞ୍ଚିଛି, ବଞ୍ଚିବାର ଅର୍ଥ ଖୋଜୁଛି । ତାହା ହିଁ ମୋର ବିସ୍ମୟ, ତାହା ହିଁ ମୋ କାହାଣୀର ଉପଜୀବ୍ୟ । ସେ ନିଜକୁ ଅକପଟ ଓ ସ୍ୱାଭାବିକ ଭାବେ, ପାଠକ ନିକଟରେ ସମର୍ପଣ କରିଛନ୍ତି ।

'କୋମଳ ଗାନ୍ଧାର', 'ବହୁବ୍ରୀହି', 'ବୀତଂସ', 'ଆକାଶ ସେତୁ', 'ଲୁବ୍‌ଧକର ରାତି' ଆଦି ଗଳ୍ପ ସଂକଳନ ତାଙ୍କ ସାରସ୍ୱତ ସାଧନାର ଉଲ୍ଲେଖନୀୟ ଦସ୍ତାବିଜ । 'ଭାସ୍ୱତୀ' ଗଳ୍ପ ସଂକଳନ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ, 'ବୀତଂସ' ଗଳ୍ପ ସଂକଳନ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ 'ଆକାଶ ସେତୁ' ନିମନ୍ତେ ଶାରଳା ପୁରସ୍କାର ଲାଭ କରିଛନ୍ତି । ଅଦ୍ୟାବଧି ତାଙ୍କର ୨୨ଟି ଗଳ୍ପ ସଂକଳନ ଓ ଗୋଟିଏ ଉପନ୍ୟାସ ପ୍ରକାଶିତ ।

